# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27 February – 2025**

## News Editor – Tapan Kumar Mahara

**********************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଁଞ୍ଚିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

– ପୁରୀରେ ନବମ ଜାତୀୟ ଶିଖର ସମ୍ମିଳନୀକୁ ଆସନ୍ତାକାଲି କରିବେ ଉଦ୍‌ଘାଟନ

- ନିମାପଡ଼ାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

- ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆଜି ଶିରିଡ଼ି ଅଭିମୁଖେ ଯାତ୍ରା କଲେ ୫ଟି ଜିଲ୍ଲାର ୭୭୫ ଜଣ

ଏବଂ

- ଗୃହପାଳିତ ପଶୁଙ୍କୁ ଆସନ୍ତା ପହିଲାରୁ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ

BBSR/R

# ଜେ.ପି.ନଡ୍ଡା ଓଡ଼ିଶା ଗସ୍ତ

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପହଞ୍ଚିବେ। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଂଚିବା ପରେ ଶ୍ରୀ ନଡ୍ଡା ପୁରୀ ଯାଇ କୋଣାର୍କ ଇକୋ-ରିସର୍ଟରେ ରାତ୍ରୀଯାପନ କରିବେ।

ଆସନ୍ତାକାଲି ପୁରୀରେ ନବମ ଜାତୀୟ ଶିଖର ସମ୍ମିଳନୀରେ ଯୋଗଦେବା ସହ ସ୍ୱାସ୍ଥ୍ୟ ମିଶନର ୧୬ତମ ସାଧାରଣ ସମୀକ୍ଷା ରିପୋର୍ଟକୁ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜନସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଉତ୍ତମ ଓ ଅନୁକରଣୀୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଯୋଗଦେବେ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି...

**- V/O –**

*HS*

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆସନ୍ତା ମାସ ୩ ତାରିଖ ସୋମବାର ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବୃୟାରୀ ୨୮ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ  ପଞ୍ଜୀକରଣ କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

*Puri*

## ଉପମୁଖ୍ୟମନ୍ତ୍ରୀ- ଗୋପ୍ ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନିମାପଡ଼ା ନିର୍ବାଚନ ମଣ୍ଡଳୀର ଗୋପ୍ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଚାରିଛକଠାରୁ ଗୋପ୍ ରାସ୍ତାର ଉନ୍ନତିକାରଣ କାର୍ଯ୍ୟ ପାଇଁ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ। ଜଳସମ୍ପଦ ବିଭାଗ ଦ୍ୱାରା କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରୀ ଗୋପ ଶାଖା କେନାଲର ଆର୍.ଡି. ୧୬ ଦଶମିକ ୨ କିଲୋମିଟରରୁ ୨୦ ଦଶମିକ ୩/୩ କିଲୋମିଟର ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ ପାଇଁ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଛି। ନାଗପୁରଠାରୁ ନୂଆହାଟ ରାସ୍ତାର ଉନ୍ନତିକରଣ ପାଇଁ ମଧ୍ୟ ୬ କୋଟିରୁ

ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ସହ ଲୋକମାନଙ୍କର ଯାତାୟତ ସୁଗମ ହେବ। ଶ୍ରୀମତୀ ପରିଡ଼ା ଗୋପ ପଞ୍ଚାୟତ ସମିତିଠାରେ ୧୯୩ ଜଣ ନୂତନ ଭାବେ ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ୧୩୧ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ୩ ହଜାର ୫୦୦ ଟଙ୍କାର ସାମାଜିକ ସୁରକ୍ଷା ଭତ୍ତା ମଧ୍ୟ ପ୍ରଦାନ କରିଥିଲେ। ଶ୍ରୀମତୀ ପରିଡ଼ା କହିଛନ୍ତି, ବରିଷ୍ଠ ନାଗରିକ, ବିଧବା ଏବଂ ଅସହାୟ ଲୋକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ତାଙ୍କ ସରକାରଙ୍କର ପ୍ରାଥମିକତା।

***Desk***

## କିଶୋରୀ-କିଶୋର ସମାବେଶ

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କିଶୋରୀ-କିଶୋର ସମାବେଶ ଆଜିଠାରୁ ଆରମ୍ଭ ହେଉଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବା ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବାର କାର୍ଯ୍ୟସୂଚୀ ରହିଛି। ଆସନ୍ତାମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ଏହି ସମାବେଶର ଆୟୋଜନ କରାଯାଇଛି।

***Baleswar***

## ବରିଷ୍ଠ ତୀର୍ଥଯାତ୍ରା ଯୋଜନା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ

ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀ ବାଲେଶ୍ୱର ରେଳଷ୍ଟେସନ୍‌ରୁ ଆଜି ମଧ୍ୟାହ୍ନରେ ଶିରିଡ଼ି ଓ ନାସିକ ଅଭିମୁଖେ ଯାତ୍ରା କରିଛନ୍ତି। ସେମାନଙ୍କ ସହିତ ରାଜ୍ୟ ସରକାରଙ୍କ ୨୫ ଜଣ ଅଧିକାରୀ ମଧ୍ୟ ଯାତ୍ରା କରିଛନ୍ତି। ଏହି ଯାତ୍ରା ସମୟରେ ସରକାରୀ ଉପ ମୁଖ୍ୟସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ବହୁ ସରକାରୀ ଅଧିକାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କ ସଫଳ ଯାତ୍ରାର ଶୁଭମନାସି ଥିଲେ।

***Desk***

## ଜାତୀୟ ବିଜ୍ଞାନ ଦିବସ

ଜାତୀୟ ବିଜ୍ଞାନ ଦିବସ ଆସନ୍ତାକାଲି ପାଳନ କରାଯିବ। ପ୍ରଖ୍ୟାତ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ୨୮ ଫେବୃଆରୀ, ୧୯୨୮ ମସିହାରେ ଆବିଷ୍କୃତ ରମଣ ପ୍ରଭାବକୁ ଚିହ୍ନିତ କରିବା ଉଦ୍ଦେଶ୍ୟ ନେଇ ୧୯୮୭ ମସିହାରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଆସୁଛି। ରମଣ ପ୍ରଭାବ ଆବିଷ୍କାର ପାଇଁ ସାର୍ ସି.ଭି.ରମଣଙ୍କୁ ନୋବେଲ ପୁରସ୍କାର ମିଳିଥିଲା। ଲୋକମାନଙ୍କର ଦୈନନ୍ଦୀନ ଜୀବନରେ ଉପଯୋଗ ହେଉଥିବା ବିଜ୍ଞାନର ଗୁରୁତ୍ୱ ପ୍ରସାରର ବାର୍ତ୍ତାବହନ କରି ପ୍ରତିବର୍ଷ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥାଏ। ଗତ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଜାତୀୟ ବିଜ୍ଞାନ ଦିବସ ୨୦୨୫ର ଅବତାରଣା କରି କହିଥିଲେ, ବିଜ୍ଞାନ ପ୍ରତି ଯୁବବର୍ଗଙ୍କ ରୁଚି ଏବଂ ଉତ୍ସାହ ବହୁ ଗୁରୁତ୍ୱ ବହନ କରେ। ଜଣେ ବୈଜ୍ଞାନିକ ଭଳି ଜାତୀୟ ବିଜ୍ଞାନ ଦିବସକୁ ବିତାଇବାର ପ୍ରୟାସ କରିବାକୁ ପ୍ରଧାନମନ୍ତ୍ରୀ' ଜନସାଧାରଣଙ୍କୁ

ଆହ୍ୱାନ ଦେଇଛନ୍ତି । ଆସନ୍ତାକାଲି ଜାତୀୟ ବିଜ୍ଞାନ ଦିବସ ଅବସରରେ କୌଣସି ଗବେଷଣା ପ୍ରୟୋଗଶାଳା, ପ୍ଲାନେଟୋରିୟମ କିମ୍ବା ମହାକାଶ କେନ୍ଦ୍ର ଅବଶ୍ୟ ପରିଦର୍ଶନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

*Nayagarh*

## ରେଳ ଟନେଲ

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପ୍ରକଳ୍ପର ଦଶପଲ୍ଲାରୁ ବାଣିଗୋଚ୍ଛାକୁ ଖୁବ୍‌ଶୀଘ୍ର ଟ୍ରେନ୍ ଯାତାୟତ କରିବ । ସମୁଦାୟ ୩୦୧ କିଲୋମିଟରରୁ ୨୪୫ କିଲୋମିଟର ପ୍ରକଳ୍ପ କାର୍ଯ୍ୟ ସରିଛି । ବର୍ତ୍ତମାନ ଖୋର୍ଦ୍ଧାଠାରୁ ଦଶପଲ୍ଲା ୧୦୫ କିଲୋମିଟର ଟ୍ରେନ୍‌ଲାଇନ୍ କାମ ସରିଯାଇଥିବାବେଳେ ନିୟମିତ ଭୁବନେଶ୍ୱର ପୁରୀରୁ ଟ୍ରେନ୍ ଚଳାଚଳ କରୁଛି । ଖୋର୍ଦ୍ଧା ରୋଡ ବଲାଙ୍ଗୀର ମଧ୍ୟରେ ୭ଟି ସୁଡ଼ଙ୍ଗ ମଧ୍ୟରୁ ଚାରୋଟିର କାର୍ଯ୍ୟ ସରିଛି । ନୟାଗଡ଼ ଜିଲ୍ଲାରେ ଦୁଇଟି ସୁଡ଼ଙ୍ଗ ରହିଛି । ସୁଡ଼ଙ୍ଗ ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ମେସିନ୍ ନିୟୋଜିତ କରାଯାଇଥିଲା । ବୁଗୁଡ଼ାରୁ ବାଣିଗୋଚ୍ଛା ମଧ୍ୟରେ ଥିବା ଡି-ଥ୍ରୀ ଟନେଲ କାମ ଶେଷ ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି । ନିକଟରେ ତିନିନମ୍ବର ଟନେଲ ସଫଳତାର ସହ ଶେଷ ହୋଇଥିବା ବେଳେ ପୂର୍ବରୁ ଦଶପଲ୍ଲା ଷ୍ଟେସନ୍ ନିକଟରେ ପ୍ରଥମ ଟନେଲ କାର୍ଯ୍ୟ ସରିଛି । ୨୦୨୯ ପୂର୍ବରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ସରିବ ଓ ପୂର୍ବ ଓଡ଼ିଶା–ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହୋଇପାରିବ ବୋଲି ଆଶା କରାଯାଉଛି ।

***Desk***

## ସି.ଏଚ୍.ଏସ୍.ଇ.

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସି.ଏଚ୍.ଏସ୍.ଇ. ପକ୍ଷରୁ ଚାଲିଥିବା ଯୁକ୍ତଦୁଇ ପରୀକ୍ଷାର ପରୀକ୍ଷା ଖାତା ମୂଲ୍ୟାୟନ ଆସନ୍ତା ଏପ୍ରିଲ ୨ ତାରିଖରୁ ଆରମ୍ଭ ହେବ। ଏପ୍ରିଲ୍ ୨୬ ତାରିଖ ସୁଦ୍ଧା ମୂଲ୍ୟାୟନ କାର୍ଯ୍ୟ ଶେଷ ହୋଇ ମଇ ୧୦ ତାରିଖ ସୁଦ୍ଧା ଫଳ ପ୍ରକାଶନ ପାଇଁ ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ସବୁ ଜିଲ୍ଲାରେ ମୂଲ୍ୟାୟନ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ସମଗ୍ର ରାଜ୍ୟରେ ୫୭ଟି ଇ-ମୂଲ୍ୟାୟନ କେନ୍ଦ୍ର ଖୋଲିବାକୁ ପଦକ୍ଷେପ ନିଆଯାଇଛି। ସେହିଭଳି ପାରମ୍ପରିକ ପଦ୍ଧତି ମାଧ୍ୟମରେ ୭୭ଟି ମୂଲ୍ୟାୟନ କେନ୍ଦ୍ର ସ୍ଥାପନ ପାଇଁ ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଛି। ମୂଲ୍ୟାୟନ କାର୍ଯ୍ୟରେ ରାଜ୍ୟର ପାଖାପାଖି ୧୫ ହଜାର ଅଧ୍ୟାପକ ନିୟୋଜିତ ହେବେ ଏବଂ ଅଧ୍ୟାପକ ନିଜ ଜିଲ୍ଲାରେ ଖାତା ଦେଖିବାର ବ୍ୟବସ୍ଥା ରହିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଯୁକ୍ତଦୁଇ ଥିଓରୀ ପରୀକ୍ଷା ଆସନ୍ତା ମାସ ୨୭ ତାରିଖରେ ଶେଷ ହେବ।

***Koraput***

## ଯନ୍ତ୍ରପାତି ମେଳା

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ’ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୋରାପୁଟ ଜିଲ୍ଲାରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଆଜିଠାରୁ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଜୟପୁର ଦଶହରା ପଡ଼ିଆରେ

ଅନୁଷ୍ଠିତ ହେଉଛି। ମେଳାକୁ ବିଧାୟକ ରଘୁରାମ ମାଛ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଠାରେ ଚାଷୀମାନଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିରର ଆୟୋଜନ ହେବା ସହିତ ବିଭିନ୍ନ ଷ୍ଟଲ୍‌ରେ କୃଷି ଯନ୍ତ୍ରପାତି ରିହାତି ଦରରେ ବିକ୍ରୟ କରାଯାଉଛି।

***HS***

## ନିଃଶୁଳ୍କ ପ୍ରାଣୀ ଚିକିତ୍ସା

ରାଜ୍ୟବାସୀ ମାର୍ଚ୍ଚ ୧ ତାରିଖରୁ ଗୃହପାଳିତ ପଶୁମାନଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା ସୁବିଧା ସରକାର ଯୋଗାଇଦେବେ ବୋଲି ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋକାଳନନ୍ଦ ମଲିକ କହିଛନ୍ତି। ରାଜ୍ୟର ଜନ ସାଧାରଣଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଲୋକଙ୍କ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଆଦି ପ୍ରାଣୀଙ୍କ ଚିକିତ୍ସା ଓ ଟୀକାକରଣ ଉପରୁ ୟୁଜର୍ସ ଫି ଛାଡ଼ କରାଯାଇଛି ଓ ଦେୟମୁକ୍ତ ସାର୍ବଜନୀନ ପ୍ରାଣୀଚିକିତ୍ସା ଓ ପ୍ରାଣୀସମ୍ପଦର ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

***Desk***

## ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତାକାଲିଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ

ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିବ ।